# ପ୍ରେସ ବିଜ୍ଞପ୍ତି

## ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ-୨୦୨୨ ର ସମୀକ୍ଷା ବୈଠକ

ଜିଲ୍ଲାନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ,ଢେଙ୍କାନାଳଙ୍କ ଅଧ୍ୟକ୍ଷତା ରେ ତା ୦୬.୧୧.୨୦୨୧ ରିଖ ସମୟ ୧୦ ଟା ୩୦ ମିନିଟ ରେ,ଜିଲ୍ଲା ସଦଭାବନା ସମ୍ମିଳନୀ ପ୍ରକୋଷ୍ଠ ରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ-୨୦୨୨ କାର୍ଯ୍ୟକ୍ରମ ର ଏକ ସମୀକ୍ଷା ପ୍ରସ୍ତୁତି ବୈଠକ ଆହ୍ୱାନ କରଯାଇଥିଲା । ଉକ୍ତ ବୈଠକ ରେ ସମସ୍ତ ନିର୍ବାଚନ ମଣ୍ଡଳୀ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଏବଂ ସହ ପଞ୍ଜୀକରଣ ଅଧିକାରୀ ତଥା ତହସିଲଦାର,ବ୍ଲକ ଉନ୍ନୟନ ଅଧିକାରୀ ଏବଂ ପୌରପାଳିକା ଅଧିକ୍ଷକ ମାନେ ଉପସ୍ଥିତ ରହିଥିଲେ । ଉକ୍ତ ବୈଠକ ରେ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ସେମାନଙ୍କର କାର୍ଯକ୍ରମ ବିଷୟରେ ଅବଗତ କରାଇଥିଲେ ଏବଂ ନିର୍ବାଚନ କମିଶନ ଧାର୍ଯ୍ୟ କରିଥିବା ସ୍ୱତନ୍ତ୍ର ପଞ୍ଜୀକରଣ ଦିନ ତା ୦୭.୧୧.୨୦୨୧ ଓ ତା ୨୧.୧୧.୨୦୨୧ କୁ ଜନସାଧାରଣ ଙ୍କ ମଧ୍ୟରେ ବ୍ୟାପକ ପ୍ରଚାର କରିବା ଓ ସମସ୍ତ ଅଧିକାରୀମାନେ ଏହି ଦିନରେ ପ୍ରତ୍ୟେକ ବୁଥ ରେ ଉପସ୍ଥିତ ରହି ଏହି କାର୍ଯକ୍ରମ କୁ ସଫଳ କରିବାପାଇଁ ପାଇଁ ଆଦେଶ ଦେଇଥିଲେ ।

ଶ୍ରୀ ସରୋଜ କୁମାର ସେଠୀ

ସର୍ବଶେଷରେ ଜିଲ୍ଲାପାଳ ଜିଲ୍ଲା ରେ ସମସ୍ତ ଯୋଗ୍ୟ ଯୁବ ଭୋଟରଙ୍କୁ ସାମିଲ କରିବା, ସଠିକ ଭୋଟର ତାଲିକା ପ୍ରସ୍ତୁତ କରିବା, ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱଆରୋପ କରିଥିଲେ ।

ଜିଲ୍ଲା ର ସମସ୍ତ ନୂତନ ଭୋଟର ଯେଉଁମାନଙ୍କର ବୟସ ତା ୦୧.୦୧.୨୦୨୨ ସୁଧା ୧୮ ବର୍ଷ ହୋଇଥିବ ସେମାନେ ଭୋଟର ହେଲ୍ପଲାଇନ ଆପ୍ସ ନିଜର ମୋବାଇଲ ରେ ଡାଉନଲୋଡ କରି ତା ମାଧ୍ୟମରେ ନିଜର ନାମକୁ ପଞ୍ଜୀକରଣ କରିବାପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଗଲା ।

ସ୍ୱା/-

ଜିଲ୍ଲାନିର୍ବାଚନ ଅଧିକାରୀ ଏବଂ
ଜିଲ୍ଲାପାଳ ଢେଙ୍କାନାଳ

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।